European Union
(ଇଉରୋପୀଅନ୍ ୟୁନିଅନ୍)

# ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଆର୍.ଏସ୍.ବି.ୱାଇ.)

DANCHURCHAID ACTALLIANCE AYUDA DE DCA DENMARK
(ଡ଼ିସିଏ)

SPREAD
(ସ୍ପ୍ରେଡ୍)




- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଦାରିଦ୍ର୍ୟ ସୀମାରେଖା ତଳେ ଥିବା (ବିପିଏଲ୍) ଏବଂ ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ବୀମା ଯୋଜନା ଅଟେ।
- ୨୦୧୩-୧୪ବର୍ଷରେ ବିପିଏଲ୍ ପରିବାର ସମେତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ କରିଥିବା ଶ୍ରମିକ ଓ ପଞ୍ଜିକୃତ କୋଠାବାଡ଼ି ନିର୍ମାଣ ଶ୍ରମିକମାନଙ୍କୁ ଏହି ଯୋଜନାରେ ୬୪ କେ.ବି. ଆର୍‌ଏସ୍‌ବିୱାଇ ସ୍ମାର୍ଟ୍ କାର୍ଡ୍ ଦିଆଯାଇଛି।
- ଏହି ଯୋଜନାରେ ପଞ୍ଜିକୃତ ପରିବାରର ୫ଜଣ ସଦସ୍ୟଙ୍କୁ ବାର୍ଷିକ ୩୦ହଜାର ଟଙ୍କାର ମାଗଣା ଚିକିତ୍ସା ସୁବିଧା ମିଳୁ ଅଛି।
- ଏହାଛଡ଼ା ଏହି ଯୋଜନାରେ ପଞ୍ଜିକୃତ ପରିବାରମାନଙ୍କୁ ବିଜୁ କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ ଦୁରାରୋଗ୍ୟ ବ୍ୟାଧି ପାଇଁ ମଧ୍ୟ ବାର୍ଷିକ ଆଉ ୭୦ହଜାର ଟଙ୍କା ଏହିଭଳି ମୋଟ ୧ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳିବାର ବ୍ୟବସ୍ଥା ଅଛି।
- ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି।
- ପଞ୍ଜିକୃତ ପରିବାର ଆର୍‌ଏସ୍‌ବିୱାଇ ସ୍ମାର୍ଟ୍ କାର୍ଡ଼କୁ ବ୍ୟବହାର କରି ତାଲିକାଭୁକ୍ତ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ହାସଲ କରନ୍ତୁ।
- ଏହି ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ନିଃଶୁଳ୍କ ସେବା ଟୋଲ ଫ୍ରି ନଂ. ୧୫୫୩୬୮ ଉପଲବ୍ଧ।
- ତାଲିକାଭୁକ୍ତ ଚିକିତ୍ସାଳୟରେ ହିତାଧିକାରୀଙ୍କୁ କୌଣସି ଖର୍ଚ୍ଚ କରିବାକୁ ପଡ଼େନାହିଁ।
- ଚିକିତ୍ସାଳୟ, ହିତାଧିକାରୀଙ୍କର ଚିକିତ୍ସା ଦେୟକୁ ତାଙ୍କର ଆର୍‌ଏସ୍‌ବିୱାଇ ସ୍ମାର୍ଟ କାର୍ଡରୁ କାଟି ରଖିଥାଆନ୍ତି ଓ ଫେରିବା ସମୟରେ ଯାତାୟତ ଖର୍ଚ୍ଚ ବାବଦକୁ ୧୦୦ଟଙ୍କା ଓ ଆର୍‌ଏସ୍‌ବିୱାଇ ସ୍ମାର୍ଟ କାର୍ଡ ଫେରାଇ ଦେଇଥାଆନ୍ତି।

**ଘୋଷଣାନାମା:-** ଇଉରୋପୀଅନ୍ ୟୁନିଅନ୍‌ର ସହାୟତାରେ ଏବଂ ଡ୍ୟାନ୍ ଚର୍ଚ୍ଚ ଏଡ୍ ଓ ସ୍ପ୍ରେଡ୍ କୋରାପୁଟଙ୍କ ଦ୍ୱାରା କାର୍ଯ୍ୟକାରୀ ଏକ ପ୍ରକଳ୍ପ ସୌଜନ୍ୟରେ ପ୍ରସ୍ତୁତ ଏହି ଲେଖା ସରକାରଙ୍କ ବିଭିନ୍ନ ପ୍ରକାଶନରୁ ଉଦ୍ଧୃତ। ଏଠାରେ ଲିଖିତ ବିଷୟବସ୍ତୁ ପାଇଁ ଇଉରୋପୀଅନ୍ ୟୁନିଅନ୍ କୌଣସି ସ୍ଥଳେ ଦାୟୀ ନୁହଁନ୍ତି।